## ନାଇଜରରର ୧୩ତମ ସ୍ନାତକ ଉତ୍ସବ

# ବିଜ୍ଞାନ ମାନବ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେଉ: ରାଷ୍ଟ୍ରପତି




॥ ପ୍ରଭାନ୍ୟୁଜ୍ ॥ ଜଟଣୀ, ୯।୭: ପୂର୍ବ ଭାରତର ପ୍ରମୁଖ ବିଜ୍ଞାନ ଶିକ୍ଷାନୁଷ୍ଠାନ ନାଇଜରର ୧୩ତମ ସ୍ନାତକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଲେ ଯେ ବିଜ୍ଞାନ ମାନବ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେଉୟ ଅଳ୍ପ ଦିନର ଅନୁଷ୍ଠାନ ହୋଇବି ନାଇଜର ଯେପରି ସଫଳତା ଅର୍ଜନ କରିଛି ତାହା ପ୍ରଶଂସନୀୟ। ନାଇଜରରେ ମେଡିକାଲ୍ ସାଇକ୍ଲୋଟ୍ରନର ସ୍ଥାପନା ପୂର୍ବାଞ୍ଚଳବାସୀଙ୍କ ପାଇଁ ବରଦାନ ସଦୃଶ ଯାହା ଆଗମୀ ଦିନରେ କ୍ୟାନସର ରୋଗୀଙ୍କୁ ସୁଫଳ ଦେବ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡିଶାର ରାଜ୍ୟପାଳ କହିଲେ ଯେ ଆଜି ଭାରତ ଯେପରି ବିଜ୍ଞାନ ଓ ପ୍ରୌଦର୍ଗିକ କ୍ଷେତ୍ରରେ ଅଗ୍ରଗତି କରିଛି ତାହା କେବଳ ସମ୍ଭବ ହୋଇଛି ଭାରତୀୟ ଗବେଷଣାରତ ବୈଜ୍ଞାନିକମାନଙ୍କ ପାଇଁ। ଏହି ସ୍ରୋତରେ ସାମିଲ ହେବାପାଇଁ ଯୁବ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡିଶାର ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଲେ ଯେ ଓଡିଶାରେ ପ୍ରତିଷ୍ଠିତ ଆନ୍ତର୍ଜାତୀୟସ୍ତରର ଏହି ପ୍ରମୁଖ ବିଜ୍ଞାନ ପ୍ରତିଷ୍ଠାନକୁ ଥିବା ରାଜ୍ୟ ସରକାରଙ୍କ ସହଯୋଗ ଅତୁଟ ରହିବ। ଏହି ଉତ୍ସବରେ ଅଧ୍ୟକ୍ଷତା କରଥିଲେ ଭାରତ ସରକାରଙ୍କ ପରମାଣୁ ଉର୍ଜା ବିଭାଗର ସଚିବ ତଥା ନାଇଜର ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଫେସର ଅଜିତ୍ ମହାନ୍ତି ଏବଂ ସ୍ୱାଗତ ଭାଷଣ ଦେଇଥିଲେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀମତୀ ମୁର୍ମୁ ବିଭିନ୍ନ ବିଭାଗରେ ପାରଦର୍ଶିତା ଦେଖେଇଥିବା ୧୧ଜଣ ଛାତ୍ର ଛାତ୍ରୀକୁ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ପ୍ରଦାନ କରିଥିଲେ। ସବୁ ବିଭାଗରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ଶ୍ରୀମାନ୍ ପ୍ରଣୟ ମହାନ୍ତିଙ୍କୁ ସର୍ବୋଚ୍ଚ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନାଇଜରର କୁଳ ସଚିବ ଡ. ଅଭୟ କୁମାର ନାୟକ, ଡ.ପ୍ରଣୟ ସ୍ୱାଇଁ ଓ ଡ. ଦେବସ୍ମୀତା ଆଲୋନେୟ ତେବେ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଇଣ୍ଟିଲିଜେନ୍ସ ବିଭାଗ ପକ୍ଷରୁ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ପ୍ରବେଶ ପତ୍ର ପ୍ରଦାନ କରାଯାଇଥିଲା, ଏପରିକି ବିଗତବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ନାଇଜର ପକ୍ଷରୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ସେଠାରେ ପହଞ୍ଚିବା ପରେ କୌଣସି ଭି ଗେଟ୍ ରେ ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଇନଥିଲା, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ରୋଚକପୂର୍ଣ୍ଣ ବିଷୟ ଗେଟ୍‌ରେ ମୁତୟନ ଥିବା ସୁରକ୍ଷା କର୍ମୀମାନେ ଏ ସମ୍ପର୍କରେ କୌଣସି ତଥ୍ୟ ନଥିବା କହିଥିଲେ। ଯାହାକୁ ନେଇ ବହୁ ସମୟ ଧରି ଯୁକ୍ତିତର୍କ ଲାଗି ରହିବା ପରେ ସମସ୍ତ ଗଣମାଧମ ପ୍ରତିନିଧିମାନେ ସ୍ଥାନ ପରିତ୍ୟାଗ କରିବା ସହିତ ନାଇଜର କର୍ତ୍ତୃପକ୍ଷ ଓ ଲୋକସମ୍ପର୍କ ବିଭାଗର ଏଭଳି କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିଥିଲେ।

### ପ୍ରଣୟ ମହାନ୍ତିଙ୍କୁ ମିଳିଲା ସ୍ୱର୍ଣ୍ଣପଦକ

SCAN ME

ସୂର୍ଯ୍ୟପ୍ରଭା
SURYAPRAVA

ARTICLE PUBLISHED IN: SURYAPRAVA, 10.07.2024, PAGE NO. 7